# Akashvani, Sambalpur

# SAMBALPURI NEWS BULLETIN

## 8 June 2024- 6.47- 6.52 am.

**********************************************

କେନ୍ଦ୍ର ମନ୍ତ୍ରିମଣ୍ଡଳ- ଶପଥ୍ ସମାରୋହ ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଗଣତାନ୍ତ୍ରିକ ମେଂଟ- ଏନ୍‌ଡିଏର ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଞ୍ଜ୍‌ବେଲା ୭ ବାଜିକରି ୧୫ ମିନିଟ୍‌ଥି ଲଗାତାର୍ ୩ ନମ୍ବର୍ ଥର୍ ଲାଗି ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେବେ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଶ୍ରୀ ମୋଦୀ ଆର୍ ତାଙ୍କର୍ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କୁ ଶପଥ୍ ପାଠ୍ କରାବେ ।

ଗଲାକାଏଲ୍ ପୁର୍‌ନା ସଂସଦ୍ ଭବନ୍‌ର କେନ୍ଦ୍ରୀୟ ହଲ୍ ନ ହେଇଥିବା ଏନ୍‌ଡିଏର ବୈଠକ୍‌ଥି ସର୍ବସମ୍ମତିଥି ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ଏନ୍‌ଡିଏ ସଂସଦୀୟ ଦଲର୍ ନେତା ଭାବେ ନିର୍ବାଚିତ କରାଯାଇଥିଲା । ବୈଠକ୍‌ଥି ଏନ୍‌ଡିଏ ସଂସଦୀୟ ଦଲର୍ ନେତା ଭାବେ ଶ୍ରୀ ମୋଦୀଙ୍କର୍ ନାଁ ବିଜେପିର୍ ବରିଷ୍ଠ ନେତା ରାଜ୍‌ନାଥ ସିଂ ପ୍ରସ୍ତାବ୍ ଦେଇଥିଲେ । ପ୍ରସ୍ତାବ୍‌କେ

ବିଜେପିର୍ ବରିଷ୍ଠ ନେତା ଅମିତ୍ ଶାହା ଆଉ ନୀତିନ୍ ଗଡ୍‌କରୀ, ତେଲୁଗୁ ଦେଶମ୍ ପାର୍ଟିର ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତା ଦଲ୍ ୟୁନାଇଟେଡ୍ ଅଧ୍ୟକ୍ଷ ଆଉ ବିହାର୍‌ର ମୁଖ୍ୟମନ୍ତ୍ରୀ ନିତିଶ୍ କୁମାର୍‌ଙ୍କର୍ ସହେତେ ଏନ୍‌ଡିଏର ସବୁ ସହଯୋଗୀ ଦଲ୍ ସମର୍ଥନ୍ କରିଥିଲେ ।

ବୈଠକ୍ ଉତ୍‌ରୁ ବିଜେପିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡାଙ୍କର୍ ନେତୃତ୍ୱଥି ଏନ୍‌ଡିଏର ଗୁଟେ ପ୍ରତିନିଧି ଦଲ୍ ରାଷ୍ଟ୍ରପତି ଭବନ୍ ଯାଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଭେଟିକରି ଏନ୍‌ଡିଏର ସହଯୋଗୀ ଦଲ୍ ମାନ୍‌କର୍ ସମର୍ଥନ୍ ପତ୍ର ରାଷ୍ଟ୍ରପତିଙ୍କୁ ଦେଇଥିଲେ । ହେ ଆଧାର୍‌ଥି ରାଷ୍ଟ୍ରପତି ବିଜେପିର୍ ନେତୃତ୍ୱଥି ଏନ୍‌ଡିଏ ନିର୍ବାଚନ୍ ଆଘୋନୁ ହେଇଥିବା ସବୁଠାନୁ ବଡ଼ ମେଂଟ ହିସାବେ ଅଷ୍ଟାଦଶ ଲୋକ୍‌ସଭାଥି ସର୍‌କାର୍ ଗଠନ୍ କର୍‌ବାର୍ ଥିତି ନ ଥିବାର୍‌ନୁ ଏନ୍‌ଡିଏର ସଂସଦୀୟ ଦଲର୍ ନେତା ଶ୍ରୀ ମୋଦୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ । ସଞ୍ଜ୍‌ବେଲେ ଶ୍ରୀ ମୋଦୀ ରାଷ୍ଟ୍ରପତି ଭବନ୍ ଯାଇକରି ରାଷ୍ଟ୍ରପତିଙ୍କୁ ଭେଟ୍‌ଲା ଉତ୍‌ରୁ ନୂଆଁ ମନ୍ତ୍ରୀମଣ୍ଡଲ୍‌ର ଶପଥ୍ ତାରିଖ୍ ଆର୍ ସମିଆ ଧାରିଜ୍ କରାଯାଇଛେ ।

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ ଆଏବା ୧୦ ତାରିଖ୍ ଦିନ ଭୁବ୍‌ନେଶ୍ୱର୍‌ର ଜନ୍‌ତା ମଇଦାନ୍ ନ ଶପଥ୍ ନେବେ । ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀ ଆର୍ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଖୋବ୍ ସଂଖ୍ୟା ନ ଲୋକ୍ ଯୋଗ୍ ଦେବେ । ହେଥିର୍‌ଲାଗି ଜନତା ମଇଦାନ୍ ନ ଜୋର୍‌ଦାର୍ ପ୍ରସ୍ତୁତି କରାଯାଉଛେ । ସ୍ପେଶାଲ୍ ପ୍ରୋଟେକ୍ସନ୍ ଗ୍ରୁପ- ଏସ୍‌ପିଜିର ବରିଷ୍ଠ ଅଧିକାରୀମାନେ ଭୁବ୍‌ନେଶ୍ୱର୍ ପୁହୁଁଚିଥିବାର୍ ବେଲେ ଶପଥ୍ ଗ୍ରହଣ୍ ସମାରୋହର୍ ସୁରକ୍ଷା ବନ୍ଦୋବସ୍ତ୍‌ଥି ୪୦ ପ୍ଲାଟୁନ୍ ଫୋର୍ସ ମୁତୟନ୍ ରହେବେ ବଲି କମିଶନରେଟ୍ ପୁଲିସ୍ ତର୍‌ଫୁ କୁହାଯାଇଛେ ।

ନୃସିଂହ ନିଉତା        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଗଲାରାତି ନୃସିଂହ ମହାପୁରୁ ସହରର୍ ଦେ'ଦେବ୍‌ତାଙ୍କୁ ନିଉତା ଦେଇଛନ୍ । ନୃସିଂହ ମହାପୁରୁ ବଜାଗଜା ସହେତେ ଗୁଟେ ଶୋଭାଯାତ୍ରାଥି ଭିନ୍ ଭିନ୍ ମନ୍ଦିର୍‌କେ ଯାଇକରି ନିଉତା ଦେଇଥିଲେ ।

ସେନ୍ତା ଆଏବା କାଏଲ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଆଏବା ୧୦ ତାରିଖ୍ ରାତି ଦେବଦେବ ମହାଦେବ ବରାତି ଯିବେ । ଶୁଭମୁହୂର୍ତଥି ବିହାଘର୍ ଆର୍ ୧୧ ତାରିଖ୍ ରାତିନୁ ଦେବଦମ୍ପତି ନଗର୍ ପରିକ୍ରମା କରିକରି ତାର୍ ଆର ଦିନ ଉପର୍‌ବେଲା ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ସେଆଡ଼େ ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ଠାନେ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରୀ ମୁଲ୍ ହେଇଛେ । କପିଲେଶ୍ୱର୍ ମନ୍ଦିର୍‌ନୁ ଶିବ, ପାର୍ବତୀଙ୍କୁ ମଣ୍ଡପ୍‌କେ ଅନାଯାଇକରି ମହାଦୀପ ବସାଯାଇଛେ ।

ଇତାର୍‌ଛଡ଼ା ସୁବର୍ଣ୍ଣପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଦେବୋତର୍ ବିଭାଗ୍ ତର୍‌ଫୁ ଜିଲ୍ଲା କୋଷାଗାର୍‌ର ଷ୍ଟ୍ରଙ୍ଗ୍‌ରୁମ୍‌ନୁ ସୁନା ଆର୍ ରୂପାର୍ ଅଲଙ୍କାର୍ ସହେତେ ଯାତ୍ରାଥି ବେଭାର୍ ହେଉଥିବା ଅଲ୍‌ଗା ଆଭରଣ ବାହାର୍ କରାଯାଇକରି । ଯାତ୍ରା କମିଟି ମାନ୍‌କୁ ହସ୍ତାନ୍ତର୍ କରାଯାଇଛେ ।

ନେଟ୍ ପରୀକ୍ଷା-ଇଂଟିମେସନ୍ ଲେଟର୍     ଆର୍‌ଏନ୍‌ୟୁ

/ସମ୍ବଲପୁର

ଆଏବା ୧୮ ତାରିଖ୍ ହେବାର୍‌କେ ଥିବା ବିଶ୍ୱ ବିଦ୍ୟାଲୟ ଅନୁଦାନ୍ ଆୟୋଗ - ୟୁଜିସିର ନେଟ୍ ପରୀକ୍ଷାର୍ ଇଂଟିମେସନ୍ ଲେଟର୍ ଜାରି ହେଇଛେ । ପରୀକ୍ଷାର୍ଥୀମାନେ ନିଜର୍ ଆପ୍ଲିକେସନ୍ ନମ୍ବର୍ ଆର୍ ଜନ୍ମତାରିଖ୍ ଦେଇକରି ଇଂଟିମେସନ୍ ଲେଟର୍ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ଜାତୀୟ ପରୀକ୍ଷା ସଂସ୍ଥା-ଏନ୍‌ଟିଏ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେଲେ ଇଂଟିମେସନ୍ ଲେଟର୍‌କେ ଏଡ଼ମିଟ୍‌କାର୍ଡ଼ ଭାବେ ବେଭାର୍ ନାଇଁ କରାଯାଇପାରେ, ଖୋବ୍ ଜଲ୍‌ଦି ଏଡ଼ମିଟ୍‌କାର୍ଡ଼ ବାହାର୍ କରାଯିବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ଇଂଟିମେସନ୍ ଲେଟର୍‌ଥି ପରୀକ୍ଷା କେନ୍ଦ୍ର କେନ୍ ସହର୍ ନ ହେବା ବାବ୍‌ଦେ ସୂଚ୍‌ନା ଦିଆଯାଇଛେ ।

ସ୍କୁଲ୍ ଖୁଲ୍‌ବା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୧୭ ତାରିଖ୍‌ନୁ ସ୍କୁଲ୍ ଖୁଲ୍‌ବାର୍‌କେ ଯାଉଛେ । ହେତାର୍ ହପ୍ତେ ଆଘୋନୁ ଶ୍ରେଣୀଗୃହ ନୁ ନେଇକରି ଶୌଚାଳୟ ତକ୍ ସବୁ ସାଫ୍‌ସୁତ୍‌ରା କର୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା

ବିଭାଗ୍ ତରଫୁ ସବୁ ଜିଲ୍ଲା ଶିକ୍ଷାଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ସ୍କୁଲ୍ ଖୁଲ୍‌ବାର୍ ଗୁଟେ ଦିନ୍ ଆଘୋନୁ  ପାଚିକା ଆର୍ ସହାୟିକା ମାନେ ସ୍କୁଲ୍ ଆସିକରି ସେମାନ୍‌କର୍ ଜିନିଷ୍ ପାତି ଯାଂଚ୍ କର୍‌ବାର୍‌କେ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇଥର ଗ୍ରୀଷ୍ମପ୍ରବାହର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଗୁଆ ସ୍କୁଲ୍‌ମାନ୍‌କୁ ଛୁଟି ଘୋଷ୍‌ନା କରାଯାଇଥିଲା ।

ବିଶ୍ୱ ମହାସାଗର୍ ଦିବସ        ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମହାସାଗର୍ ଦିବସ । ପୁନରୁଦ୍ଧାର୍ ଆର୍ ମହାସାଗର୍ ଲାଗି ସାମୂହିକ କାର୍ଯ୍ୟାନୁଷ୍ଠାନ୍ ଇ ବଛର୍ ବିଶ୍ୱ ମହାସାଗର୍ ଦିବସ୍ ବିଷେ ରହିଛେ । ପୁର୍‌ଥିର୍ ୭୦ ପ୍ରତିଶତ୍‌ନୁ ଅଏତ୍‌କା ଇଲାକାଥି ମହାସାଗର୍ ଅଛେ । ମହାସାଗର୍ ଆମର୍ ଗ୍ରହଣ୍ ଲାଗି ୫୦ ପ୍ରତିଶତ୍ ଅମ୍ଳଜାନ୍ ତିଆର୍ କର୍‌ସି ଆର୍ ମହାସାଗର୍ ଜୈବ ବିବିଧତାର ଭିଲ୍ ଚାବିସ୍ଥଲୀ ଆଏ । ପୁର୍‌ଥିର୍ ଶହେ କୋଟିନୁ ଅଏତ୍‌କା ଲୋକ୍ ପ୍ରୋଟିନ୍ ଲାଗି ମହାସାଗର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ମହାସାଗର୍ ହେଉଛେ ଆମର୍ ଅର୍ଥନୀତିର୍ କୁଞ୍ଜିକାଠି । ହେଲେ ଭିନ୍ ଭିନ୍ କାରଣ୍‌ନୁ ମହାସାଗର୍

ମାନ୍‌କର୍ ନୁକ୍‌ସାନ୍ ହେଉଛେ । ସେଥିର୍‌ଲାଗି ମହାସାଗର୍‌ମାନ୍‌କର୍ ସାଙ୍ଗେ ମୁନୁଷ୍ ମାନ୍‌କର୍ ସନ୍ତୁଲନ୍ ବନାବାର୍‌କେ ବିଶ୍ୱ ମହାସାଗର୍ ଦିବସ୍ ପାଲନ୍ କରାଯାଉଛେ ।

ଏନ୍‌ଆଇଟିର ସମ୍ପ୍ରସାରଣ କେନ୍ଦ୍ର-ଭୁବ୍‌ନେଶ୍ୱର

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ନ ଥିବା ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - ଏନ୍‌ଆଇଟିର ସମ୍ପ୍ରସାରଣ କେନ୍ଦ୍ର ଭୁବ୍‌ନେଶ୍ୱର୍ ନ ଖୋବ୍ ଜଲ୍‌ଦି ଖୁଲ୍‌ବା । ହେଥିର୍‌ଲାଗି ଚନ୍ଦ୍ରଶେଖର୍‌ପୁର୍‌ଠାନେ ଏକ୍‌ଡ଼େ ଜମିଥି ଏକାଡେମିର୍ ବିଲ୍‌ଡିଂ ତିଆର୍ ହେଇଛେ ।

ମୌସୁମୀ- ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର୍ ଲାଗି ଥିତି ଅନୁକୁଲ୍ ଥିବାର୍ ବେଲେ ଆଏବା ୨ ଦିନ୍ ଭିତ୍‌ରେ ମୌସୁମୀ ଓଡ଼ିଶା ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ହେଲେ ଆଏବା ୨ ଦିନ୍‌ତକ୍ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।